ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 01-12-2023

ମୟୁରଭଞ୍ଜ(ଓଡିଶା) - :2023-12-01 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2023-12-02 | 2023-12-03 | 2023-12-04 | 2023-12-05 | 2023-12-06 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 1.0 | 5.0 | 10.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 31.0 | 31.0 | 30.0 | 30.0 | 28.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 18.0 | 18.0 | 19.0 | 21.0 | 22.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 68 | 71 | 67 | 83 | 84 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 39 | 44 | 47 | 49 | 76 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 9 | 8 | 6 | 7 | 7 |
| ପବନର ଦିଗ (ଡିଗ୍ରୀ) | 153 | 65 | 146 | 180 | 150 |
| ମେଘାଚ୍ଛନ (ଅକ୍ଟା) | 3 | 3 | 4 | 5 | 6 |

## ପାଣିପାଗ ସାରାଂଶ/ସତର୍କ:

| |
|---|
| ଆଂଶିକ ମେଘୁଆରୁ ସାଧାରଣତ ମେଘୁଆ ଆକାଶ ସହିତ ଜିଲ୍ଲାରେ ଅତି ହାଲୁକାରୁ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି \| ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୬.୦ ରୁ ୯.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବ \| ସର୍ବାଧିକ ତାପମାତ୍ରା ୨୮.୦°C ରୁ ୩୧.୦°C ମଧ୍ୟରେ ହୋଇପାରେ \| ସର୍ବନିମ୍ନ ତାପମାତ୍ରା ୧୮.୦°C ରୁ ୨୨.୦°C ମଧ୍ୟରେ ରହିପାରେ \| ସକାଳେ ଆପେକ୍ଷିକ ଆଦ୍ରତା ୬୭ ରୁ ୮୪ ପ୍ରତିଶତ ମଧ୍ୟରେ ହୋଇପାରେ ଏବଂ ଅପରାହ୍ନରେ ୩୯ ରୁ ୭୬ ପ୍ରତିଶତ ମଧ୍ୟରେ ରହିପାରେ \| |

## ସାଧାରଣ ଉପଦେଶ:

| |
|---|
| ବିଳମ୍ବ କିସମ ଧାନ କୁ ଅମଳ କରି ଦିଅନ୍ତୁ ଯାହାଦ୍ଵାରା ଧାନ ଗଛ ତଳେ ପଡିବନି ଏବଂ ଜମିରେ ତଳେ ପଡି ଗଜା ହେବନି । ଧାନ ଜମିରୁ ପାହି ତିଆରି କରି ଅତିରିକ୍ତ ଜଳକୁ ନିଷ୍କାସନ କରନ୍ତୁ ଏବଂ ନାଳୀ ମୁହଁ ଖୋଲା ରଖନ୍ତୁ । ଅମଳ ହୋଇଥିବା ଧାନ କୁ ବେଙ୍ଗଳା କରି ଦିଅନ୍ତୁ । ବେଙ୍ଗଳା କରି ସାରିବା ପରେ ଧାନ କୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ, ଖାଦ୍ୟ ଉପଯୋଗୀ ପାଇଁ ଶତକଡା ୧୪ ଭାଗ ଆର୍ଦ୍ରତା ଏବଂ ବିହନ ପାଇଁ ଶତକଡା ୧୨ ଭାଗ ଆର୍ଦ୍ରତା ରେ ସାଇତି ରଖନ୍ତୁ । ମୂଷା ଦାଉରୁ ରକ୍ଷା କରିବା ନିମନ୍ତେ ୯୬ ଗ୍ରାମ ଅଟା, ୨ ଗ୍ରାମ ତେଲ ଏବଂ ୨ ଗ୍ରାମ ଜିଙ୍କ ଫସଫାଇଡ୍ କୁ ମିଶାଇ ୧୦୦ ଗ୍ରାମ ବିଷଥୋପ ତିଆରି କରି ବ୍ୟବହାର କରନ୍ତୁ । ଅଦିନିଆ ବର୍ଷା ଦାଉରୁ ରକ୍ଷା କରିବା ନିମନ୍ତେ ଅମଳ ହୋଇଥିବା ଧାନ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପରଗ୍ରେନ ବସ୍ତାରେ ଭର୍ତ୍ତି କରି ସୁରକ୍ଷିତ ସ୍ଥାନରେ ଭଲ ଭାବରେ ଘୋଡାଇ ରଖନ୍ତୁ । ଜଳସେଚନ ର ସୁବିଧା ଥିବା ଜମିରେ ମୁଗ ଓ ବିରି ଲଗାଇବା ନିମନ୍ତେ ଜମି ପ୍ରସ୍ତୁତ କରନ୍ତୁ, ଜମିର ବତର ଦେଖି ମଧ୍ୟମ କିମ୍ବା ନିମ୍ନ ଜମିରେ ରବି ଜାତୀୟ ଚିନାବାଦାମ, ଝୁଡଙ୍ଗ ଆଦି ଫସଲ ଲଗାନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ସମ୍ଭାବ୍ୟ ବର୍ଷା ପରିପେକ୍ଷୀରେ ଯେଉଁଠାରେ ପରିପକ୍ୱ ଧାନ ଅମଳ କରିବା ସମ୍ଭବ ହୋଇପାରୁନି ସେଇଠାରେ ବିଲରେ ଧାନ ଗଜା ହେବା ରୋକିବା ପାଇଁ ଧାନରେ ୨% ଲୁଣ ଦ୍ରବଣ (୧ ଲିଟର ପାଣିରେ ୨୦ ଗ୍ରାମ ଲୁଣ) ସ୍ପ୍ରେ କରନ୍ତୁ \| |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଧାନ ୮୫ ଶତକଡା ପାଚି ଯାଇଥିଲେ ଅମଳ କରିଦିଅନ୍ତୁ । ଅମଳ ହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ । କଟା ହୋଇଯାଇଥିବା ଧାନର ଯଦି ବେଙ୍ଗଳା ସମ୍ଭବ ହୋଇପାରୁ ନାହିଁ ତେବେ ପଲିଥିନ ଘୋଡାଇ ସୁରକ୍ଷିତ ରଖନ୍ତୁ । ଧାନ ଜମିରୁ |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଏବଂ ନାଳୀ ମୁହଁ କୁ ଖୋଲା ରଖନ୍ତୁ । ଅମଳ ହୋଇଥିବା ଧାନକୁ ଜମିରେ ଛାଡନ୍ତୁ ନାହିଁ । ଧାନ ଗଛ ପଡିଯାଇଥିଲେ ବର୍ଷା ପରେ ହଳା କରି ଠିଆ କରନ୍ତୁ । |
| ମାଣ୍ଡିଆ | ମାଣ୍ଡିଆ ମଞ୍ଜି ପାକଳ ରୁ ଅମଳ ହେବା ଅବସ୍ଥାରେ ଅଛି । ପାକଳ ମାଣ୍ଡିଆ ଅମଳ କରନ୍ତୁ ଓ ଅମଳ ହୋଇଥିବା ଫସଲକୁ ସମ୍ଭାବ୍ୟ ବର୍ଷା ଜନିତ କ୍ଷତି ରୁ ରକ୍ଷା କରିବା ପାଇଁ ସୁରକ୍ଷିତ ସ୍ଥାନକୁ ନିଅନ୍ତୁ। |
| ସୋରିଷ | ରବି ଋତୁ ରେ ସୋରିଷ ଚାଷ କରୁଥିଲେ, ସରଳ କିସମ ଯଥା ନିର୍ମଳ ବ୍ଲାକ ଗୋଲ୍ଡ , ଟି-୯, ଏମ-୨୭, ପି. ଟି-୩୦୩ ଏବଂ ବିଳମ୍ବ କିସମ ପୁଷା ବାହାର, ବିନୟ ଆଦି କିସମ ଏକର ପ୍ରତି ୩ ରୁ ୫ କେଜି ମଞ୍ଜି ବ୍ୟବହାର କରନ୍ତୁ । କାପଟାନ କିମ୍ବା ଥିରାମ ୩ ଗ୍ରାମ ପ୍ରତି କିଗ୍ରା ମଞ୍ଜି ରେ ବିଶୋଧନ ପରେ ବ୍ୟବହାର କରନ୍ତୁ । ଧାଡି କୁ ଧାଡି ୨୦ ଏବଂ ଗଛ କୁ ଗଛ ୧୦ ସେମି ଦୂରତା ରେ ବିଳମ୍ବ କିସମ ଏବଂ ଧାଡି କୁ ଧାଡି ୩୦ ଏବଂ ଗଛ କୁ ଗଛ ୧୦ ସେମି ଦୂରତା ରେ ସହଳ କିସମ ଲଗାନ୍ତୁ । |
| ମୁଗ | ବିହନ ବୁଣିବାର ୭ ଦିନ ପୂର୍ବରୁ ଏକ କିଲୋଗ୍ରାମ ମଞ୍ଜି ରେ ୨-ଗ୍ରାମ କାର୍ବେଣ୍ଡାଜିମ ନାମକ ଫିମ୍ପିନାଶକ କିମ୍ବା ୩-ଗ୍ରାମ କାର୍ବୋକ୍ସିନ ଓ ଥିରାମ ର ମିଳିତ ଫିମ୍ପିନାଶକ ମିଶାଇ ବିହନ ବିଶୋଧନ କରନ୍ତୁ । ବିହନ ବୁଣିବା ଦିନ ପ୍ରତି ୧-କିଲୋଗ୍ରାମ ବିହନରେ ୨୦-ଗ୍ରାମ ରାଇଜୋବିୟମ ଜୀବାଣୁ କଲଚର ଭଲ ଭାବରେ ଗୋଳାଇ ଛାଇରେ ଶୁଖାଇ ଜମିରେ ବୁଣନ୍ତୁ । ଶେଷ ଓଡ ଚାଷ ସମୟରେ ଏକର ପ୍ରତି ୨ ଟନ ଶଢା ଗୋବର ଖତ କିମ୍ବା କମ୍ପୋଷ୍ଟ ସହିତ ୩୫ କେଜି ଡିଏପି, ୧୩ କେଜି ମ୍ୟୁରେଟ ଅଫ ପଟାସ ଏବଂ ୪ କେଜି ୟୁରିଆ ମୂଳ ସାର ହିସାବରେ ସାର ପ୍ରୟୋଗ କରନ୍ତୁ । |
| ମକା | ମକା ବର୍ତମାନ ପାକଳ ରୁ ଅମଳ ହେବା ଅବସ୍ଥାରେ ଅଛି। ପାକଳ ମକା ଅମଳ କରି ଖରା ରେ ୪-୫ ଦିନ ପର୍ଯ୍ୟନ୍ତ ଶୁଖାନ୍ତୁ । |
| ମସୁର/ହରଡ଼ | ବୁଣା ଯାଇଥିବା ହରଡ ବର୍ତମାନ ଅଙ୍ଗୀୟ ବୃଦ୍ଧି ରୁ କଢ (୧୫ – ୧୭ ସପ୍ତାହ) ଅବସ୍ଥାରେ ଅଛି । ବର୍ତମାନ ଅବସ୍ଥାରେ ହରଡ ରେ ପାତ୍ର ମୋଡା ପୋକ ଲାଗିବାର ସମ୍ଭାବନା ଅଛି। ହରଡ ରେ ପାତ୍ର ମୋଡା ପୋକୋ ନିୟନ୍ତ୍ରଣ ପାଇଁ ଏକରକୁ ୪୦୦ ମିଲି ପ୍ରୋଫେନୋଫୋସ ୫୦% + ସାଇପରମେଥ୍ରିନ ୫% ଇସି କିମ୍ବା ୪୦୦ ମିଲି ପ୍ରୋଫେନୋଫୋସ ୫୦% ଇସି କୀଟନାଶକ ଔଷଧ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| ଅମରଣତଃ | ଜଳସେଚନର ସୁବିଧା ଥିଲେ ଢିପ କିମ୍ବା ମଝିଆଳି ଜମିରେ ଧାନ କିମ୍ବା ଅଣଧାନ ଫସଲ ପରେ କୋଶଳା ଶାଗ ଲଗାଇବା ପାଇଁ ଜମି ପ୍ରସ୍ତୁତ କରି ଶୀଘ୍ର ବୁଣିବା କାମ ଶେଷ କରନ୍ତୁ। ଶାଗ ଦୁଇପ୍ରକାରର ଯଥା ଧଳା ଓ ନାଳି \| 5 ଫୁଟ ଲମ୍ବ ଓ 4 ଫୁଟ ଓସାରର ଛୋଟ ଛୋଟ ପଟାଳୀ କରି ତାର ଚାରିପଟେ ହୁଡା ଟେକି ଦିଅନ୍ତୁ \| ମାଟିକୁ ଭଲ ଭାବରେ ହାଣି ଗୁଣ୍ଡ କରି ଆନାବନା ଘାସ ସବୁ ବାଛି ପ୍ରତ୍ୟେକ ପଟାଳିରେ ଟୋକେଇଏ କିମ୍ବା ଦୁଇ ଟୋକେଇ ସଢା ଗୋବର ଖତ ମିଶାଇ ଦିଅନ୍ତୁ \| ମଞ୍ଜି ଗୁଡିକ ଛୋଟ ଛୋଟ ହୋଇଥିବାରୁ ରଗଡା ବାଲି ସହ ମିଶାଇ ଯତ୍ନ ସହକାରେ ପତଳା କରି ସବୁଆଡେ ସମାନ ଭାବରେ ବୁଣନ୍ତୁ \| |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ମଞ୍ଜି ବୁଣିବାପରେ ମାଟିକୁ ଟିକିଏ ହାତରେ ଏପଟ ସେପଟ ଚଳାଇ ପଟାଳୀ କୁ ପାଳ କିମ୍ବା ନଡା ଦ୍ୱାରା ଘୋଡାଇ ପାଣି ଛିଞ୍ଚି ଦିଅନ୍ତୁ। ମଞ୍ଜି ଗଜା ହୋଇଆସିଲେ ନଡା ବାହାର କରି ଦିଅନ୍ତୁ \| |
| ସୂର୍ଯ୍ୟମୁଖୀ | ବର୍ତ୍ତମାନ ରବି ସୂର୍ଯ୍ୟମୁଖୀ ଫସଲ ପାଇଁ ଜମି ପ୍ରସ୍ତୁତ କରି ଶୀଘ୍ର ବୁଣାବୁଣି କାମ ଶେଷ କରନ୍ତୁ \| ଓଡିଶାର ଜଳବାୟୁ ପାଇଁ ଅଧିକ ଅମଳକ୍ଷମ କିସମ ଯଥା ମର୍ଡନ୍, ସନରାଇଜ୍, ସୂର୍ଯ୍ୟ ଓ ହାଇବ୍ରିଡ୍ କିସମ ଯଥା କେ.ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍.-୩ ଓ ଏମ୍.ଏସ୍.ଏଫ୍.ଏଚ୍ ଆଦି କିସମ ଲଗାନ୍ତୁ \| ଏକର ପ୍ରତି ଅଧିକ ଅମଳକ୍ଷମ କିସମ ଅଣଜଳସେଚିତ ଜମିରେ ୪ କି.ଗ୍ରା, ଜଳସେଚିତ ଜମିରେ ୩.୫ କି.ଗ୍ରା ବିହନ ଓ ହାଇବ୍ରିଡ୍ କିସମ ଜଳସେଚିତ ଜମିରେ ୨ରୁ ୨.୫ କି.ଗ୍ରା, ଜଳସେଚିତ ଜମିରେ ୧.୫ ରୁ ୨ କି.ଗ୍ରା ବିହନ ଦରକାର ହୋଇଥାଏ \| ବୁଣାର ପୂର୍ବରୁ ବିହନକୁ ଭଲ ଭାବେ ଖରାରେ ଶୁଖାଇ ଓ ବିହନ ବିଶୋଧନ କରି ବୁଣନ୍ତୁ \| ୧ କି.ଗ୍ରା ବିହନକୁ ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ବିହନ ବିଶୋଧନ କରନ୍ତୁ \| ଝାଉଁଳା ରୋଗ ଦୂରେଇବା ପାଇଁ ପ୍ରତି କି.ଗ୍ରା ବିହନକୁ ୪ ଗ୍ରାମ୍ ଟ୍ରାଇକୋଗ୍ରାମ୍ ଦ୍ୱାରା ବିହନ କୁ ଉପଚାର କରି ବୁଣନ୍ତୁ \| ଜମିକୁ ଭଲ ଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୨ ଟନ୍ ଗୋବର ଖତ ପ୍ରୟୋଗ କରନ୍ତୁ \| ଶେଷ ଓଡ ଚାଷ ସମୟରେ ଏକର ପ୍ରତି ଅନୁମୋଦିତ ଯବକ୍ଷାରଜାନର ଅଧା (୮ କି.ଗ୍ରା ଯବକ୍ଷାରଜାନ), ୧୬ କି.ଗ୍ରା ଫସଫରସ୍ ଓ ୧୨ କି.ଗ୍ରା ପଟାସ୍ ସାର କୁ ମୂଳସାର ଆକାର ରେ ଧାଡିରେ ପ୍ରୟୋଗ କରନ୍ତୁ \| ହାଇବ୍ରିଡ୍ କିସମ ପାଇଁ ଏହାର ଦୁଇ ଗୁଣ ସାର ପ୍ରୟୋଗ କରନ୍ତୁ \| ଲଗାଇବା ପୂର୍ବରୁ ବିହନକୁ ୧୦-୧୨ ଘଣ୍ଟା ଭଜାଇ ବୁଣିଲେ ଭଲ ଗଜା ହୋଇଥାଏ \| ପାଣିରୁ ଛାଣିବା ପରେ ଏକର ପ୍ରତି ୬୦୦ ଗ୍ରାମ୍ ପଏସବି କଲଚର୍ ରେ ବିହନକୁ ଉପଚାର କରି ବୁଣନ୍ତୁ \| ଧାଡିକୁ ଧାଡି ମଟାଳ ମାଟିରେ ୬୦X୩୦ ଓ ଦୋରସା ମାଟିରେ ୪୫X୩୦ ସେମି ବ୍ୟବଧାନ ରଖି ବିହନ କୁ ୩ ସେମି ଗଭୀରରେ ବୁଣନ୍ତୁ \| |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ಮೆಣಸಿನಕಾಯಿ | ଲଙ୍କା ଫସଲରେ ଜଳସେଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ବିଶେଷକରି ଫୁଲଫୁଟିବା ସମୟରେ ମାଟି ଶୁଖିଗଲେ ଫୁଲ ଝଡିପଡେ । ତେଣୁ ମାଟିର ବତର ଦେଖି ୧୦ ରୁ ୧୨ ଦିନ ଅନ୍ତରରେ ଜଳସେଚନ କରନ୍ତୁ । ଲଙ୍କା ଫସଲରେ ଫୁଲ ନ ଝଡିବା ପାଇଁ ଫୁଲ ଆସିବା ସମୟରେ ଥରେ ଏବଂ ୨୦ ରୁ ୩୦ ଦିନ ପରେ ଆଉଥରେ ୩.୫ ମିଲି Alpha Naphthyl Acetic Acid (NAA) ନାମକ ହରମୋନ ପ୍ରତି ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଲଙ୍କା | ଲଙ୍କା ଫସଲରେ ଜଳସେଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ବିଶେଷକରି ଫୁଲଫୁଟିବା ସମୟରେ ମାଟି ଶୁଖିଗଲେ ଫୁଲ ଝଡିପଡେ । ତେଣୁ ମାଟିର ବତର ଦେଖି ୧୦ ରୁ ୧୨ ଦିନ ଅନ୍ତରରେ ଜଳସେଚନ କରନ୍ତୁ । ଲଙ୍କା ଫସଲରେ ଫୁଲ ନ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ଝଡିବା ପାଇଁ ଫୁଲ ଆସିବା ସମୟରେ ଥରେ ଏବଂ ୨୦ ରୁ ୩୦ ଦିନ ପରେ ଆଉଥରେ ୩.୫ ମିଲି Alpha Naphthyl Acetic Acid (NAA) ନାମକ ହରମୋନ ପ୍ରତି ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଫୁଲକୋବି | ଫୁଲକୋବି ଓ ବନ୍ଧାକୋବି ଚାରା ଲଗେଇବାର ୧୫-୨୦ ଦିନ ମଧରେ କୋଡା ଖୋସା କରି ଘାସ ବାଛି ଦିଅନ୍ତୁ ଏବଂ ଏକର ପ୍ରତି ୨୫- କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ଫୁଲକୋବି ଓ ବନ୍ଧାକୋବି ୩୦-୩୫ ଦିନର ହୋଇଗଲେ ଆଉଥରେ ଏକର ପ୍ରତି ୨୫- କିଲୋଗ୍ରାମ ୟୁରିଆ ସାର ସହିତ ୨୫- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ । ଚାରା ଲଗେଇବା ସମୟରେ ଯଦି Boron ଅଣୁସାର ପ୍ରୟୋଗ କରି ନାହାନ୍ତି ତେବେ ଚାରା ରୋପଣ ର ୨ସପ୍ତାହ ପରେ ଏବଂ ଫୁଲ କଢ ଧରିବାର ଦୁଇ ସପ୍ତାହ ପୂର୍ବରୁ ଏକର ପ୍ରତି ୪ କିଲୋଗ୍ରାମ Borax କିମ୍ବା ପ୍ରତି ଲିଟର ପାଣିରେ ୧-୧.୫ ଗ୍ରାମ Folibor କିମ୍ବା Solubor ମିଶାଇ ପତ୍ର ସିଞ୍ଚନ କରନ୍ତୁ । |
| ପିଆଜ | ଶୀତ ଦିନରେ ଭଲ ଅମଳ ହେଉଥିବା ପିଆଜର କେତୋଟି କିସମ ଗୁଡିକ ହେଲା Agrifound Light Red, Agrifound Dark Red, Bhima Shakti, Bhima, Arka Niketan Super ଇତ୍ୟାଦି । ଏକ ଏକର ପିଆଜ ଚାଷ କରିବା ପାଇଁ ୪- କିଲୋଗ୍ରାମ ବିହନ ତଳି ଆବଶ୍ୟକ ହୁଏ । ତଳି ପଟାଳିରେ ବିହନ ଲଗେଇବା ପୂର୍ବରୁ ଏକ କିଲୋଗ୍ରାମ ବିହନରେ ୨-ଗ୍ରାମ-Carbendazim ନାମକ ଫିମ୍ପିନାଶକ କିମ୍ବା ୩-ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ, ବିହନରେ ଗୋଳାଇ ବିଶୋଧନ କରନ୍ତୁ । ତଳିଘରା ରେ ଘରାକଟା ରୋଗ ନ ହେବା ପାଇଁ ପ୍ରତି ଲିଟର ପାଣିରେ ୨-ଗ୍ରାମ Carbendazim ନାମକ ଔଷଧ, ମିଶାଇ ପ୍ରତି ୧୫ ଦିନ ଅନ୍ତରରେ ସିଂଚନ କରନ୍ତୁ । ପିଆଜ ତଳି ୮- ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାନ୍ତୁ । |
| ବାଇଗଣ | ବାଇଗଣ ଫସଲ ୩୦ ଦିନର ହୋଇଗଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ ଏବଂ ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ଏବଂ ୨୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ । ବାଇଗଣ ଫସଲ ୪୫ ଦିନର ହୋଇଗଲେ ଆଉଥରେ ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ବାଇଗଣ ଚାରା ଲଗାଇବାର ୩୦ ଦିନରେ ଏବଂ ୬୦ ଦିନରେ ପ୍ରତି ଲିଟର ପାଣିରେ ୩-ଗ୍ରାମ ମିଶ୍ରିତ ଅଣୁସାର ମିଶାଇ ସିଞ୍ଚନ କରନ୍ତୁ । |
| ଟମାଟର | ଟମାଟୋ ଫସଲ ଲଗାଇବାର ୨୦-୨୫ ଦିନ ବେଳକୁ ମାଟିକୁ ଭଲ ଭାବରେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ ଏବଂ ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ଏବଂ ୨୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ । ଟମାଟୋ ଫସଲରେ ଆଉଥରେ ୪୦ ରୁ ୪୫ ଦିନ ବେଳକୁ କୋଡାଖୁସା କରି ଏବଂ ଘାସ ବାଛି ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ । ଟମାଟୋ ଚାରା ଲଗାଇବାର ୪୫ ଦିନ ପରେ ପ୍ରତି ଲିଟର ପାଣିରେ ୩-ଗ୍ରାମ ମିଶ୍ରିତ ଅଣୁସାର ମିଶାଇ ୨-୩ ଥର ୧୦-୧୫ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ । |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଭେଣ୍ଡୀ | ପ୍ରାରମ୍ଭିକ ଅବସ୍ଥାରେ ଶୋଷକ କୀଟ ର ପରିଚାଳନା ପାଇଁ ୨୦୦ ଲିଟର ପାଣିରେ ୬୦୦ ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ କୁ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକ ଗୁଡିକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମିଲି Fenobucarb ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ମରିଗଲଦ | ନାଲି ବୁଢିଆଣୀ ଅଷ୍ଟପଦୀ ପୋକର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ ସଲଫର ସେଚିତ ଗୁଣ୍ଡ କିମ୍ବା ୨ ମିଲି ପ୍ରୋପାରଜାଇଟ ନାମକ କୀଟନାଶକ କିମ୍ବା ୨ ମିଲି ଫେନପାଇରୋଗଜିମେଟ ନାମକ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ । |
| କଦଳୀ | ଘୁଣିପୋକ / ଶୁଣ୍ଢ ପୋକ ର ପରିଚାଳନା ପାଇଁ କଦଳୀ ବଗିଚା ରେ ଏକର ପ୍ରତି ୧୦ ଟି Cosmolure ଥିବା ସଂଗ ଆକର୍ଷକ ଯନ୍ତା ବସାନ୍ତୁ । ଗଛ ଲଗାଇବା ବେଳକୁ କନ୍ଦାଗୁଡିକୁ ଉଷୁମ ପାଣି ରେ ବୁଡାଇ (୩୦ମିନିଟ ) ତା'ପରେ ଲଗାନ୍ତୁ । ଗାତ ଗୁଡିକ ରେ ୨୫୦ ଗ୍ରାମ ନିମ୍ବ ପିଡିଆ କିମ୍ବା ୨୫-୫୦ ଗ୍ରାମ ଯେକୌଣସି ଦାନାଦାର କୀଟନାଶକ ଦେଇ ଲଗାନ୍ତୁ । ଏହି ପୋକର ଆକ୍ରମଣ ରୁ ରକ୍ଷା ପାଇବା ପାଇଁ ଆକ୍ରାନ୍ତ ଗଛକୁ କାଟି ଟିକି ଟିକି କରି ଖରରେ ଶୁଖାଇ ଦିଅନ୍ତୁ । କଦଳୀ ବଗିଚା ସଫା ସୁତୁରା ରଖନ୍ତୁ । |
| ଅମୃତଭଣ୍ଡା | ପ୍ରାରମ୍ଭିକ ଅବସ୍ଥାରେ ଦହିଆ/ଚୂର୍ଣ୍ଣପୃଷ୍ଠ ପୋକ ର ପରିଚାଳନା ପାଇଁ ୧୦-ଲିଟର ପାଣିରେ ୩୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ ଆଜାଡିରାକ୍ଟିନ ମିଶାଇ ସିଞ୍ଚନ କରନ୍ତୁ । ଏହା ବ୍ଯତୀତ ଗଛରେ ସାବୁନ ମିଶ୍ରିତ ପାଣି ସିଞ୍ଚନ କରନ୍ତୁ । ପୋକର ଆକ୍ରମଣ ଅଧିକ ହେଲେ ରାସାୟନିକ ଉପାୟରେ ଏହି ପୋକର ଦମନ ପାଇଁ ପ୍ରତି ୧୦-ଲିଟର ପାଣିରେ ୨୦-ମିଲି ପ୍ରୋଫେନୋଫସ କିମ୍ବା ୨-ଗ୍ରାମ ଥାୟାମେଥୋକଜମ ନାମକ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ । |
| ରସୁଣ | ଜଳସେଚନର ସୁବିଧା ଥିଲେ ଢିପ ଜମିରେ ଧାନ କିମ୍ବା ଅଣଧାନ ପରେ ରସୁଣ ଲଗାଇବା ପାଇଁ ଜମି ପ୍ରସ୍ତୁତ କରି ଶୀଘ୍ର ଲଗାଇବା କାମ ଶେଷ କରନ୍ତୁ \| ଉନ୍ନତ ବିହନ କିସମ ଯଥା ଫୱାରୀ, ଯାମନଗର ଓ ଜି-282 ଆଦି କିସମ ଲଗାନ୍ତୁ \| କିସମ ଅନୁଯାୟୀ ଏକର ପ୍ରତି ୧୫୦ କିଗ୍ରା କୋଳାକୁ ବିହନ ରୂପେ ବ୍ୟବହାର କରନ୍ତୁ \| ଜମିକୁ ଭଲଭାବରେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ\| ଏକର ପ୍ରତି ୧୫ ଟନ୍ ସଢା ଗୋବର ଖତ ପ୍ରୟୋଗ କରନ୍ତୁ\| ଶେଷ ଓଡ ଚାଷ ସମୟରେ ଏକର ପ୍ରତି 24 କି.ଗ୍ରା ଯବକ୍ଷାରଜାନ, 24 କି.ଗ୍ରା ଫସଫରସ୍ ଓ 24 କି.ଗ୍ରା ପଟାସ ସାରକୁ ମୂଳସାର ଆକାରରେ ଧାଡିରେ ପ୍ରୟୋଗ କରନ୍ତୁ \| ଧାଡିକୁ ଧାଡି 20 ଗଛକୁ ଗଛ 8 ସେମି ବ୍ୟବଧାନ ରଖି ବିହନ ଲଗାନ୍ତୁ \| ବିହନ ଲଗାଇବା ପରେ ହାଲୁକା ଜଳସେଚନ କରନ୍ତୁ \| |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ମାଟିର ବତର ଦେଖି ମଟର ବୁଣା କାମ ଶୀଘ୍ର କରନ୍ତୁ \| ଓଡିଶାର ଜଳବାୟୁ ପାଇଁ ଅଧିକ ଅମଳକ୍ଷମ କିସମ ଯଥା ରଚନା, ଅର୍ଲି ଅର୍କେଲ୍, ଟି-୧୬୩ ଆଦି କିସମ ଲଗାନ୍ତୁ \| ଏକର ପ୍ରତି ୨୫-୩୦ କିଗ୍ରା ବିହନ ଦରକାର ହୋଇଥାଏ \| ବୁଣିବା ପୂର୍ବରୁ ବିହନକୁ ଭଲଭାବରେ ଖରାରେ ଶୁଖାଇ ଓ ବିହନକୁ ବିଶୋଧନ କରି ବୁଣନ୍ତୁ \| ୧କି.ଗ୍ରା ବିହନକୁ ୩ଗ୍ରାମ୍ ଥିରାମ୍ କିମ୍ବା ୧.୫ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ବିହନ ବିଶୋଧନ କରନ୍ତୁ\| ଏହାର ସାତ ଦିନ ପରେ ଏକର ପ୍ରତି ୪୦୦ଗ୍ରାମ୍ ରାଇଜୋବିୟମ୍ କଲ୍ଚର୍ ରେ ବିହନକୁ ଗୋଳାଇ ବୁଣନ୍ତୁ \| ଜମିକୁ ଭଲଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ \| ଏକର ପ୍ରତି ୨ ଟନ୍ ସଢା ଗୋବର ଖତ ପ୍ରୟୋଗ କରନ୍ତୁ \| ଶେଷ ଓଡ ଚାଷ ସମୟରେ ଏକର ପ୍ରତି ଅନୁମୋଦିତ ଯବକ୍ଷାରଜାନର ଅଧା (ଦଶ କିଗ୍ରା ଯବକ୍ଷାରଜାନ), ୧୬ କିଗ୍ରା ଫସଫରସ୍ ସାରକୁ ମୂଳ ସାର ଆକାରରେ ଧାଡିରେ ପ୍ରୟୋଗ କରନ୍ତୁ \| ଅବଶିଷ୍ଟ ଯବକ୍ଷାରଜାନ ସାର କୋଡା ଖୁସା ଓ ଘାସ ବଛା ସାରି ପ୍ରୟୋଗ କରନ୍ତୁ \| ଧାଡିକୁ ଧାଡି ୩୦ ଓ ଗଛକୁ ଗଛ ୧୦ ସେମି ବ୍ୟବଧାନ ରଖି ବିହନକୁ ୩ ସେମି ଗଭୀରରେ ବୁଣନ୍ତୁ \| ବୁଣିବା ପରେ ହାଲୁକା ଜଳସେଚନ କରନ୍ତୁ \| ବୁଣିବାର ଦିନକ ପରେ ତୃଣନାଶକ ପେଣ୍ଡିମେଥାଲିନ୍ ଏକର ପ୍ରତି ୦.୩ କିଗ୍ରା କ୍ରିୟାଶୀଳ ଉପାଦାନ ସିଂଚନ କରନ୍ତୁ \| |
| ବୋଇତି କଖାରୁ | ବର୍ତ୍ତମାନ ସମୟରେ କଖାରୁ ଜାତୀୟ ପନିପରିବା ଫସଲରେ ଫଳମାଛି ଲାଗିବାର ସମ୍ଭାବନା ରହିଛି । ଫଳମାଛି ର ପରିଚାଳନା ପାଇଁ ପ୍ରଥମେ ୪-ଲିଟର ପାଣିରେ ୪୦୦-ଗ୍ରାମ ଗୁଡ ଓ ୮-ମିଲି ମାଲାଥିଅନ ବା ଡିଡିଭିପି ନାମକ କୀଟନାଶକ ମିଶାଇ ବିଷଥୋପ ପ୍ରସ୍ତୁତ କରନ୍ତୁ । ଏହି ବିଷଥୋପକୁ ଏକ ଏକର କଖାରୁ ଜାତୀୟ ପନିପରିବା ଫସଲରେ ୮୦ ଟି ସ୍ଥାନରେ ଛୋଟ ସରେଇ କିମ୍ବା ମାଟି ସରା କିମ୍ବା ପ୍ଲାଷ୍ଟିକ କପରେ ରଖି ଗଛ ମୂଳରେ ରଖନ୍ତୁ । ଏହା ଦ୍ୱାରା ଫଳମାଛି ଗୁଡିକ ବିଷଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡି ମରିଯିବେ। |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଶୀତ ଋତୁରେ ଗାଇଗୋରୁ ମାନଙ୍କୁ ପ୍ରତି ଦିନ ଖଣିଜ ମିଶ୍ରଣ ସହ ୧୦ ରୁ ୨୦ ଶତକଡା ଲୁଣ, ଚୋକଡ ଓ ଗୁଡ ମିଶାଇ ଖାଇବାକୁ ଦିଅନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
| --- | --- |
| କମନ କାର୍ପ | ଶୀତ ଋତୁରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖା ଯାଇଥାଏ । ଏହି ରୋଗ ମାନଙ୍କର ନିରାକରଣ ପାଇଁ ଶୀତ ଋତୁ ଆରମ୍ଭ ହେବା ପୂର୍ବରୁ ଏକ ଏକର ପୋଖରୀ ପ୍ରତି ୪୦୦ ମିଲି CIFAX କିମ୍ବା ୧ ରୁ ୨ କେଜି ପୋଟାସିୟମ ପରମାଙ୍ଗାନେଟ କିମ୍ବା ୫୦ ରୁ ୧୦୦ କେଜି ଚୂନ ମିଶାଇ ବିଶୋଧନ କରନ୍ତୁ । ଶୀତ ଋତୁରେ ମାଛ ମାନଙ୍କୁ ରୋଗ ନହେବା ପାଇଁ ଏକ ଏକର ପୋଖରୀ ପ୍ରତି ୧୦୦ କେଜି ଲୁଣ ପ୍ରୟୋଗ କରନ୍ତୁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
| --- | --- |
| ଚିଚକ | କୁକୁଡା ମାନେ ୩ ରୁ ୪ ସପ୍ତାହ ର ହୋଇଯାଇଥିଲେ ରାଣୀଖେତ ରୋଗ ପାଇଁ ଟୀକା କରଣ କରନ୍ତୁ । |